## ସିମୁଳିଆ ଗ୍ରାମ୍ୟବ୍ୟାଙ୍କ ଲୁଟ୍ ଉଦ୍ୟମ ଘଟଣା
### ୨ ଆନ୍ତଃରାଜ୍ୟ ଡକାୟତ ଗିରଫ

ସୋର, ୧୬।୧(ଜନ୍ମେଜୟ ମିଶ୍ର):ସିମୁଳିଆ ଥାନା ବାଲିଖଣ୍ଡ ଗ୍ରାମ୍ୟ ବ୍ୟାଙ୍କ ଲୁଟ୍ ଉଦ୍ୟମ ଘଟଣା ୭ଜଣଙ୍କ ମଧ୍ୟରୁ ୨ଜଣ ଆନ୍ତଃ ରାଜ୍ୟ ଡକାୟତଙ୍କୁ ଗିରଫ କରାଯାଇଛି। ସୋର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଡିସେମ୍ବର ୨୪ ତାରିଖ ବିଳମ୍ବିତ ରାତିରେ.ସିମୁଳିଆ ଥାନା ବାଲିଖଣ୍ଡ ଗ୍ରାମ୍ୟବ୍ୟାଙ୍କକୁ ଲୁଟେରାମାନେ ଗ୍ୟାସ କଟରରେ କାଟି ଲୁଟ୍ ଉଦ୍ୟମ କରିଥିଲେ। ସିମୁଳିଆ ଥାନାରେ ମାମଲା ରୁଜୁ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସୋର ଥାନାଧିକାରୀ ପ୍ରଭାଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ପୋଲିସ ୨ ଡକାୟତଙ୍କୁ ଭଦ୍ରକରୁ ହୋଟେଲରୁ ଗିରଫ କରିଛି।

# ଗୋପାଳପୁର, ନୀଳଗିରି ମେଡିକାଲରେ କାୟାକଳ୍ପ ଟିମ୍

ବାହାନଗା(ଅରୂପ କୁମାର ଦାସ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୧୬।୧

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପର ତିନିଜଣିଆ ଟିମ୍ ପରିଦର୍ଶନରେ ଆସିଥିଲେ। ଏହି ଟିମ୍ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଟିମ୍‌ରେ ଆଡିଶନାଲ ଡାଇରେକ୍ଟର (ସାସ) ଡାକ୍ତର ପ୍ରମୋଦ ଦେ, କାୟାକଳ୍ପ ଟିମ୍‌ର (ଡିପିଏମ୍) ଅନୀଲ କୁମାର ମହାନ୍ତି, ପ୍ରଶାନ୍ତ କୁମାର ଦାସ, କନସଲଟାଣ୍ଟ ସ୍କୁଲ ହେଲଥ ଡାକ୍ତର ନିର୍ଲିପ୍ତ ଦାସ, ସମ୍ ହସ୍ପିଟାଲର ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୟ ପରିଡା(ସାଇକିଆଟ୍ରିଷ୍ଟ) ପ୍ରମୁଖ ପହଞ୍ଚି ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଧୀରେଶ ଷଡ଼ଙ୍ଗୀ, ଡାକ୍ତର ଅବିନାଶ ଜେନା, ଡାକ୍ତର ଅଭୟ କୁମାର ପଣ୍ଡାଙ୍କ ସହ ହସ୍ପିଟାଲର ଅନ୍ୟ ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍ ପହଞ୍ଚି ପରିଦର୍ଶନ କରିଥିଲେ। ତିନିଜଣିଆ ଟିମ୍ ମେଡିକାଲରେ ପହଞ୍ଚି ମେଡିକାଲର ଟିବି ୱାର୍ଡ, ମେଡିସିନ ଷ୍ଟୋର, ଶୌଚାଳୟ, ରୋଗୀଙ୍କ ବିଭିନ୍ନ ୱାର୍ଡ, ଖାଦ୍ୟ ରୋଷେଇଶାଳା, ଓଟି, ପାଣି ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ମେଡିକାଲ ଯନ୍ତ୍ରପାତିର ସୁବିଧା ଆଦି ସମ୍ପର୍କରେ ଜାଣିବା ସହ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ତେବେ ଟିମ୍ ଆସିବା ପୂର୍ବରୁ ମେଡିକାଲ ପରିସରରେ ସଫେଇ ସହ ସୌନ୍ଦର୍ଯ୍ୟକରଣ ଉପରେ କର୍ତ୍ତୃପକ୍ଷ ଉଦ୍ୟମ ଯାଞ୍ଚ କରିଥିବା ବେଳେ ସଫେଇ ଓ ସ୍ୱଚ୍ଛତାକୁ ନେଇ ବିରକ୍ତି ମନୋଭାବ ପ୍ରକାଶ କରିବା ସହିତ ତାଗିଦ ମଧ୍ୟ କରିଥିଲେ। ଏହି ଟିମ୍‌ରେ ଡା. ପ୍ରମୋଦ କୁମାର ଦେ, ଡା. ପ୍ରଶାନ୍ତ କୁମାର ଦାସ, ଡା. ନିର୍ଲିପ୍ତ ଦାସ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଜିଲା ଯାଞ୍ଚ କମିଟିର ମ୍ୟାନେଜର ସଞ୍ଜୟ ପରିଡ଼ା, ଡିପିଏମ୍ ଅନିଲ କୁମାର ମହାନ୍ତି, ନୀଳଗିରି ମେଡିକାଲର ଏସ୍‌ଡିଏମ୍‌ଓ ଡା. ସରୋଜିନୀ ପ୍ରଧାନ, ଡା. ଶୁଭ୍ରାଂଶୁ ଶେଖର ପରିଡ଼ା, ପ୍ରୋଗ୍ରାମ ମ୍ୟାନେଜର ସଂଯୁକ୍ତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍ ସଦସ୍ୟ ଅନଧ୍ୟାନ କରୁଛନ୍ତି।

## ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ


ଶିଳାନ୍ୟାସ ଉତ୍ସବରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ।

ବାଲେଶ୍ୱର, ୧୬।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ କଷାଫଳ ପଞ୍ଚାୟତରେ ଏକାଧିକ ଜନକଲ୍ୟାଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସମସ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଷାଫଳ ଗାଁର ଜେଟି ନିକଟରେ ଡୁବୁଡୁବି ନଦୀର ବାମପାର୍ଶ୍ୱ ବନ୍ଧର ସୁରକ୍ଷାକରଣ ପ୍ରକଳ୍ପ ନିମନ୍ତେ ମୋଟ ୪କୋଟି ୯୪ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ସେହିପରି ଜଳସମ୍ପଦ ବିଭାଗର ଜଳନିକାସ ବିଭାଜନ ପକ୍ଷରୁ ଡୁବୁଡୁବି ଓ ହଂସକରା ଶାଖାନାଳର ଉନ୍ନତୀକରଣ ସହିତ ଚାଲୁତି ଓ ହାଣ୍ଡିବସା ନାଳ ଉପରେ ଦୁଇଟି ସ୍ଲୁଇସ୍ ଗେଟ ନିର୍ମାଣ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରଯାଇଛି।

ଏହି ପ୍ରକଳ୍ପ ମଧ୍ୟରେ ଚାଲୁତି ନାଳ, ବଟପାଇ ସ୍କୁଲ, ବାସିଆନାଳ, ମରିଚି ନାଳ, ହର ପ୍ରଧାନ ନାଳ ଓ ତେନ୍ତୁଳି ନାଳ ଉପରେ ୬ଗୋଟି ପାଦଚଲା ରାସ୍ତା ନିର୍ମାଣ, କଷାଫଳ ପଣ୍ଡାଛକଠାରେ ୧୭୦ ମିଟର ପକ୍କା ଡ୍ରେନ ନିର୍ମାଣକୁ ସାମିଲ କରାଯାଇଛି। ଶାଖା ନାଳଗୁଡିକ ମଧ୍ୟରେ ବାସିଆ ନାଳର ୧.୯୬ କି.ମି., ହରପ୍ରଧାନ ନାଳର ୧.୭୦ କି.ମି., ମରିଚି ନାଳର ୧.୦୮ କି.ମି., ନାଇକାଣି ନାଳର ୧ କି.ମି., ହାଣ୍ଡିବସା ନାଳର ୨.୫୮ କି.ମି., ସାର୍ଥାବିନ୍ଧା ନାଳର ୩ କି.ମି., ଚାଲୁତି ନାଳର ୨ କି.ମି. ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ ରହିଛି। ସମସ୍ତ କାର୍ଯ୍ୟ ଶେଷ ପାଇଁ ସମୟସୀମା ଚଳିତବର୍ଷ ଅକ୍ଟୋବର ମାସ ଥିବା ବେଳେ ଏଥିପାଇଁ ୫କୋଟି ୯୧ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ କଷାଫଳ ପଞ୍ଚାୟତରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହିତ ସମସ୍ତ ପ୍ରକଳ୍ପ ସମୟସୀମା ମଧ୍ୟରେ ଶେଷ ପାଇଁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଫେବୃଆରୀ ୬ରୁ 'ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ'ର ରୌପ୍ୟଜୟନ୍ତୀ
### ଗଡ଼ିଲା ଡିଜିଟାଲ ରଥ

ବାଲେଶ୍ୱର, ୧୬।୧(ବାଞ୍ଛାନିଧି ଦେ)

ଆସନ୍ତା ଫେବୃଆରୀ ୬ରୁ ୯ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଚାନ୍ଦିପୁରରେ ଅନୁଷ୍ଠିତ ହେବ 'ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ'ର ରୌପ୍ୟଜୟନ୍ତୀ ସମାରୋହ। ଏହାର ଅଧିକ ପ୍ରଚାର, ପ୍ରସାର ପାଇଁ ନୂତନ ରଥ ଶୁଭାରମ୍ଭ କରାଯାଇଛି। ମକର ସଂକ୍ରାନ୍ତି ଅବସରରେ ଏହି ଡିଜିଟାଲ୍ ରଥକୁ ବିଧାୟକ ମାନସ କୁମାର ଦତ୍ତ, ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ପୂର୍ବତନ ବିଧାୟକ ତଥା ବେଳାଭୂମି ମହୋତ୍ସବ କମିଟି ସଭାପତି ଜୀବନ ପ୍ରଦୀପ ଦାଶ ଏବଂ ରୌପ୍ୟଜୟନ୍ତୀ ସମାରୋହ କମିଟି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ୍, ଏନ୍‌ଏସି ଏବଂ ପୌରାଞ୍ଚଳ ପରିକ୍ରମା କରି 'ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ'ର ରୌପ୍ୟଜୟନ୍ତୀ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। କମିଟି ଉପସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଦାସ, ଭାଗବତ ସାହୁ, ସମରେନ୍ଦ୍ର ଦାଶ, ଶ୍ରୀମାନ୍ ଶ୍ରୀଚନ୍ଦନ, କାର୍ଯ୍ୟକାରୀ ସଭ୍ୟା ସନ୍ଧ୍ୟାରାଣୀ ଭୂୟାଁ, ତପନ କୁମାର ଜେନା, ସତ୍ୟନାରାୟଣ ନନ୍ଦ, ଶଙ୍କର କୁମାର ବିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ।


ଅତିଥିଙ୍କ ଦ୍ୱାରା ଡିଜିଟାଲ ରଥର ଶୁଭାରମ୍ଭ କରାଯାଉଛି।

# ମେଳି ହେଲେ ୧୭ ପଞ୍ଚାୟତର ଲୋକେ
### ଜୋର ଧରିଲା ଲଙ୍ଗଳେଶ୍ୱର ବ୍ଲକ ପ୍ରତିଷ୍ଠା ଦାବି

ଲଙ୍ଗଳେଶ୍ୱର, ୧୬।୧(କମଳାକାନ୍ତ ଦାସ)

ବସ୍ତା ନିର୍ବାଚନମଣ୍ଡଳୀର ମଧ୍ୟଭାଗ ହେଉଛି ଲଙ୍ଗଳେଶ୍ୱର। ଏଠାରେ ଏକ ବ୍ଲକ ପ୍ରତିଷ୍ଠା ପାଇଁ ବିଭିନ୍ନ ମହଲରୁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। ତେବେ ରାଜ୍ୟ ସରକାର ନିକଟରେ ଲୋକଙ୍କୁ ତୁରନ୍ତ ପ୍ରଶାସନିକ ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ଥାନରେ ବ୍ଲକ ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ଲଙ୍ଗଳେଶ୍ୱରଠାରେ ବ୍ଲକ ପ୍ରତିଷ୍ଠା ପାଇଁ ଗୁରୁବାର କାଳିଝାଟି ପଡ଼ିଆରେ ୧୭ଟି ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଏବଂ ଜନସାଧାରଣ ଏକାଠି ହୋଇଥିଲେ।

ଏହି ବ୍ଲକ ଗଠନ ପାଇଁ ବାଲିଆପାଳ ବ୍ଲକର ବଣିଆଡିହା, ବାଲିକୁଟି, ବଳରାମପୁର, ସାଉଡ଼ି, କୁଣ୍ଡୁଳୀ, ବୋଲଂ, ପଞ୍ଚୁପାଲି, ଜମ୍ବିରାଇ, ରତାଇ, ନୂଆଗାଁ, ଜଗତିପୁର ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ବସ୍ତା ବ୍ଲକର ପୁଟୁରା, କଇନଗରୀ, ନାଇକୁଡ଼ି ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିବା ବେଳେ ସଦର ବ୍ଲକର କଷାଫଳ, ସାର୍ଥା, ଆଲୁମେଦା ପ୍ରମୁଖ ପଞ୍ଚାୟତର ପ୍ରତିନିଧିମାନେ ବ୍ଲକ ପ୍ରତିଷ୍ଠା ପାଇଁ ନିଜର ମତାମତ ପ୍ରଦାନ କରିବା ସହ ଲଙ୍ଗଳେଶ୍ୱର ବ୍ଲକ ପ୍ରତିଷ୍ଠା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ବ୍ଲକ ପ୍ରତିଷ୍ଠା ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ ଏହି ସଙ୍ଗଠନରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ିବା ପାଇଁ କଷାଫଳ ପଞ୍ଚାୟତର ଶିବାନନ୍ଦ ପାତ୍ର, କଇନଗରୀ ପଞ୍ଚାୟତ ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ, ନାଇକୁଡି ପଞ୍ଚାୟତ ପାଇଁ ବେଣୁଧର ମହାନ୍ତି, ପୁଟୁରା ପଞ୍ଚାୟତ ପାଇଁ ସୁଦର୍ଶନ ଜେନା, ବାଲିକୁଟି ପଞ୍ଚାୟତ ପାଇଁ ରାଜେନ୍ଦ୍ର ଧଳ, ବଳରାମପୁର ପଞ୍ଚାୟତ ପାଇଁ ଅଶୋକ ବେରା, ବଣିଆଡ଼ିହା ପଞ୍ଚାୟତ ପାଇଁ ସରପଞ୍ଚ କାଳିଚରଣ ଜେନା, କୁଣ୍ଡୁଳୀ ପଞ୍ଚାୟତ ପାଇଁ ସରପଞ୍ଚ ଜୟନ୍ତ ଦାସ, ସାଉଡ଼ି ପଞ୍ଚାୟତ ପାଇଁ ସରପଞ୍ଚ ଧରଣୀଧର ମଲ୍ଲିକ, ବୋଲଂ ପଞ୍ଚାୟତ ପାଇଁ କାର୍ତ୍ତିକ ମଲ୍ଲିକ, ପଞ୍ଚୁପାଲି ପାଇଁ ସରପଞ୍ଚ ଦିଲୀପ ଗିରି, ଜମ୍ବିରାଇ ପାଇଁ ମହେନ୍ଦ୍ର ବିଶ୍ୱାଳ, ନୂଆଗାଁ ପାଇଁ ସଚିନ୍ଦ୍ର ପାତ୍ର, ରତାଇ ପାଇଁ ବସନ୍ତ ପ୍ରଧାନ, ଜଗତିପୁର ପଞ୍ଚାୟତ ପାଇଁ ସଞ୍ଜୀବ ପାଢ଼ୀ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତୁରନ୍ତ ବ୍ଲକ ପ୍ରତିଷ୍ଠା ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।


ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିଗଣ।

## ଡଗରା ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

କାଳିପଦା, ୧୬।୧(ରାଜଶ୍ରୀ ପାଣିଗ୍ରାହୀ)– ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଯଥେଷ୍ଟ ଭିତ୍ତିଭୂମି ଥିବା ଡଗରା ବେଳାଭୂମିର ବିକାଶ ମନ୍ଥର ହୋଇଛି। ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା, ସରକାର ଯେ ସବୁ କାର୍ଯ୍ୟ କରିବେ ତାହା ମଧ୍ୟ ଭାବିବା ଠିକ୍ ନୁହେଁ ବୋଲି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମି ମହୋତ୍ସବର ବୁଧବାର ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ ମଞ୍ଚ ଆବାହନ, ଉତ୍ସବ କମିଟି ସଭାପତି ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ, ଉତ୍ସବ କମିଟି ସମ୍ପାଦକ ସୁବଳ ଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି, ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ସାମାଜିକ କର୍ମୀ ସୁଦର୍ଶନ ଜେନା, ରାଜନେତା ତଥା ସାମାଜିକ କର୍ମୀ ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଜଗନ୍ନାଥ ବ୍ୟାଣ୍ଡ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ନ୍ୟାୟ ନ ମିଳିଲେ ସୁପ୍ରିମକୋର୍ଟ ଯିବୁ'
### ଚେତାବନୀ ଦେଲେ ସବୁଜ ପତ୍ରିକାଧାରୀ ମହିଳା

ବାଲିଆପାଳ, ୧୬।୧(ଗୋପାଳ ଚନ୍ଦ୍ର ସାହୁ)

ସରକାର ୧୯୮୩ ମସିହାରେ ଜନସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି ହଜାର ହଜାର ମା'ମାନଙ୍କୁ ଜନ୍ମ ନିୟନ୍ତ୍ରଣ ଆଇନରେ ସାମିଲ କରାଇଥିଲେ। ମାତ୍ର ତାହା ଆଜି ଯାଏ ପୂରଣ ନ କରି ୨୦୧୨ ମସିହାଠାରୁ ଏହି ଯୋଜନାକୁ ବନ୍ଦ କରିଦେଇଛନ୍ତି। ଏହାର ପ୍ରତିବାଦ କରି ମା'ମାନେ ବାଧ୍ୟ ହୋଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ହାଇକୋର୍ଟରେ ସୁଫଳ ନ ମିଳିଲେ ସୁପ୍ରିମକୋର୍ଟରେ ଆଶ୍ରୟ ନିଆଯିବ ବୋଲି ବାଲେଶ୍ୱର ଜିଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସବୁଜପତ୍ରିକାଧାରୀ ମହିଳାମାନେ ଚେତାବନୀ ଦେଇଛନ୍ତି।

ଜନ୍ମ ନିୟନ୍ତ୍ରଣ ଯୋଜନାରେ ଯେଉଁ ମା'ମାନେ ସାମିଲ ଅଛନ୍ତି ସେମାନଙ୍କୁ ସରକାର ଗରିବ ଓ ମଧ୍ୟବିତ୍ତ ପରିବାରକୁ ବାସଗୃହ, ଭୂମିହୀନମାନଙ୍କୁ ୮ ଡିସମିଲ ଘରଡିହ, ସରକାରୀ ଶିକ୍ଷାନୁଷ୍ଠାନରେ ୫ ଭାଗ ସ୍ଥାନ ସଂରକ୍ଷଣ ଆଦି ଯୋଗାଇଦେବେ ବୋଲି କହିଥିଲେ। ଏସବୁ ସୁବିଧା ପାଇବା ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ବାଲେଶ୍ୱର ଜିଲାପାଳ, ବାଲେଶ୍ୱର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ବିଭିନ୍ନ ବିଭାଗକୁ ଦରଖାସ୍ତ ପ୍ରଦାନ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସବୁଜକାର୍ଡଧାରୀ ମା' ଭାରତୀ ଚାନ୍ଦ, କବିତା ସେଠୀ, ଭବାନୀ ପାତ୍ର, ଗୀତାରାଣୀ ରାଉଳ, ସରସ୍ୱତୀ ମଣ୍ଡଳ, ଶ୍ରଦ୍ଧାଞ୍ଜଳି ସୀ, ସରସ୍ୱତୀ ମଣ୍ଡଳ, ଜୟନ୍ତୀ ପାତ୍ର, ହେମଙ୍ଗିନୀ କୁଲ୍ଲାରୀ, ସୁକାନ୍ତି ଦାସ, ମୀନତି ଦାସ, ମିନତୀ ଦେ, ଛବିରାଣୀ ପ୍ରଧାନଙ୍କ ସହିତ ବହୁ ମହିଳା ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସବୁଜକାର୍ଡଧାରୀ ସଂଘ ସଭାପତି କୁଶଧ୍ୱଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ସଭାପତି ଅନୁଜ ମହାପାତ୍ର, ସଙ୍ଗଠନ ଆବାହକ ମୃତ୍ୟୁଞ୍ଜୟ ରାଉତଙ୍କ ସହିତ ସହକର୍ମୀ ପୂର୍ଣ୍ଣଚନ୍ଦ୍ର ଚଣ୍ଡ, ସନ୍ନ୍ୟାସୀ ଦାସ, ସୁଧୀର ପରିଡ଼ା ଓ ଏସ୍‌କେ ମୁନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରସ୍କାରପ୍ରାପ୍ତ ୨ ଚାଷୀଙ୍କୁ ଭେଟିଲେ ଭାଜପା ନେତା

ଖଇରା, ୧୬।୧(ଉତ୍କଳବନ୍ଧୁ ପଣ୍ଡା)

ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଶିରିପୁର ଗ୍ରାମର କମଳାକାନ୍ତ ବେହେରା ଓ ଚକ୍ରଧର ବେହେରା ଗତ ୫ତାରିଖରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ୨ ଭାଇଙ୍କୁ ପ୍ରଶଂସାର ସୁଅ ଛୁଟୁଛି। ଏହି ଅବସରରେ ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ରାଜେଶ କୁମାର ମହାକୁଡ ଉପରୋକ୍ତ ୨ ଚାଷୀଙ୍କୁ ବୁଧବାର ଭେଟି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଚାଷକୁ ନେଇ ସଫଳତା କାମନା କରିଛନ୍ତି। ଭାଜପା ନେତା ମହେଶ୍ୱର ନାଥ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଲକ୍ଷ୍ମୀକାନ୍ତ ସାହୁ, ସମିତିସଭ୍ୟା ସସ୍ମିତା ପଣ୍ଡା, ଯୁବନେତା ଜନ୍ମେଜୟ ପାଢୀ ଓ ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ଉପରୋକ୍ତ ୨ଭାଇ ପରିବା ଚାଷ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ସହ ତୁଡିଗଡିଆ ସମେତ ବିଭିନ୍ନ ଅଞ୍ଚଳରେ ପନିପରିବା ଆବଶ୍ୟକତା ମେଣ୍ଟାଇପାରୁଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ୨ ଭାଇଙ୍କ ସହ ଭାଜପା ନେତା ରାଜେଶ ମହାକୁଡ।

## କୁଶଳେଶ୍ୱର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆନନ୍ଦପୁର, ୧୬।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ରେକୁଟିଆ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ୪୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଛାତ୍ରୀଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଦୌଡ଼କୁଦ, ସର୍ଟପୁଟ୍, ଜାଭେଲିନ, ଡିସ୍କସ୍ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ସହ ବିଭିନ୍ନ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡ଼ା ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଶାନ୍ତିସ୍ତମ୍ଭ ସ୍ଥାପନ

ଯୋଡ଼ା, ୧୬।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିଲେଇପଦାଠାରେ ଶୁକ୍ରବାର ରୋଟାରୀ ଜିଲା-୩୨୬୨ର ଗଭର୍ଣ୍ଣର ରୋଟାରୀଆନ ଯାଜ୍ଞଶିଷ ମହାପାତ୍ର ବନେଇକଳା ଛକଠାରେ ଏକ ଶାନ୍ତି ସ୍ତମ୍ଭର ଶୁଭ ଉଦ୍‌ଘାଟନ କରିଛନ୍ତି। ଏଥିସହ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଲେଇପଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଯୋଡ଼ା ରୋଟାରୀ କ୍ଲବ୍ ପକ୍ଷରୁ ସ୍ଥାପନ କରାଯାଇଥିବା ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ସମଗ୍ର ବିଶ୍ୱରେ ସର୍ବତ୍ର ଶାନ୍ତି କାମନା କରି ଏହି ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଏହାକୁ ଶାନ୍ତିର ପ୍ରତୀକ କପୋତ ଉଡ଼ାଇ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ କମ୍ବଳ ବଣ୍ଟନ କରିବା ସହିତ ଅଙ୍ଗନୱାଡି ଶିଶୁଙ୍କୁ ବ୍ୟାଗ ଓ ପାଠ୍ୟ ଉପକରଣ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଗଭର୍ଣ୍ଣର ଯାଜ୍ଞଶିଷଙ୍କ ସହିତ ଆଶିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଡା. ରାଜେନ୍ଦ୍ର ପଲେଇ ମଧ୍ୟ ଉପସ୍ଥିତ ରହିଥିଲେ। ସେମାନଙ୍କୁ ଯୋଡ଼ା ରୋଟାରୀ କ୍ଲବ୍‌ପକ୍ଷରୁ ବନେଇକଳା ଛକଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ରୋଟାରୀ କ୍ଲବ୍‌ର ସଭାପତି ରୋଟାରିଆନ ପ୍ରକାଶ ମହାନ୍ତି, ସମ୍ପାଦକ ରୋଟାରିଆନ ସାରଦା ପ୍ରସାଦ ଆଚାର୍ଯ୍ୟ, ପୂର୍ବତନ ସଭାପତି ସ୍ନିଗ୍ଧା କର, ପୂର୍ବତନ ସମ୍ପାଦିକା ରିନା ସିଙ୍ଗାନିଆ, ବିକାଶ ମହାନ୍ତି, ଜିତେନ୍ଦ୍ର ବୈଦ୍ୟ, ବିଡି ସାହୁ, ସିଦ୍ଧାର୍ଥ ସାରଥି କର, ସୁନିଲ ବାଷୋତିଆ, ଜୟଶ୍ରୀ ମହାନ୍ତି, ପଦ୍ମଲୋଚନ ବେହେରା, ରାକେଶ ସିଙ୍ଗାନିଆ, ସ୍ୱରୂପ ପଣ୍ଡା, ମନୋଜ ଜୟସ୍ୱାଲ, ଦୀପକ ବିହାରୀ, ଦିଲୀପ ରାଉତ, ସୁମନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସାମାଜିକ କର୍ମୀ ବାବୁଆ ବାନା ସହଯୋଗ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ଯୋଡ଼ା ରୋଟାରୀ କ୍ଲବ୍ ଯୋଡ଼ା ପୌରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ନିର୍ବାହ କରିଆସୁଛି।



## ଷଣ୍ଢ ଆକ୍ରମଣରେ ୩ ଗୁରୁତର

ଆନନ୍ଦପୁର, ୧୬।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଲୁଣହାର ଗାଁରେ ଗୁରୁବାର ଏକ ପାଗଳ ଷଣ୍ଢ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଗାଁର ରୁକ୍ମଣୀ ବେହେରା(୭୦), ବୈଲୋଚନ ରାଉତ(୩୬) ଏବଂ ତାଙ୍କ ପୁଅ ରାକେଶ ରାଉତ(୧୨)। ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଁଲୋକେ ଷଣ୍ଢକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଘସିପୁରା ଅଗ୍ନିଶମ ବାହିନୀ, ଆନନ୍ଦପୁର ବନକର୍ମଚାରୀ, ସାଇଁକୁଳ ପ୍ରାଣୀ ସହାୟକ, ସ୍ଥାନୀୟ ପୋଲିସର ସହାୟତା ଲୋଡିଥିଲେ। ମାତ୍ର କୌଣସି ବିଭାଗ ଗାଁରେ ପହଞ୍ଚି ନ ଥିବା ବେଳେ ଗ୍ରାମର ଯୁବକମାନେ କୌଶଳ କରି ଷଣ୍ଢଟିକୁ କ୍ଷେତ ମଝିରେ କାବୁ କରିବାକୁ ସକ୍ଷମ ହୋଇଥିଲେ।

## ପୋଲରୁ ଖସିପଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୧୬।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ପୋଲରୁ ଖସି ପଡ଼ିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଖୁରୁଣ୍ଟିଆ ଗ୍ରାମର ମଧୁସୂଦନ ସିଂ L ସୂଚନା ଅନୁଯାୟୀ, ମଧୁସୂଦନ ବୁଧବାର ସାଇକେଲ ଯୋଗେ ଧାନଶୋଳା ହାଟକୁ ପନିପରିବା କିଣିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ମୁରୁଡ଼ି ନଦୀକୁ ସ୍ଥାନୀୟ ଲୋକେ ଗାଧୋଇବାକୁ ଯାଇଥିବା ବେଳେ ମଧୁସୂଦନଙ୍କ ମୃତଦେହ ସାଇକେଲ ସହିତ ନଦୀ ପୋଲ ତଳେ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୫) ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ରାଇରଙ୍ଗପୁର,୧୬।୧(ମାନସ ମହାନ୍ତି): ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାର ସୋମରଦଥା ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ସାଇକେଲରେ ଯାଉଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋରୁମହିଷାଣୀ ଥାନା ଅଧୀନ କୁକୁରଝରଣ ଗ୍ରାମର ରାମାଇ ନାଏକ(୬୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇଛି।

# ଆରମ୍ଭ ହେଲା ଦାମୋଦର ଯାତ୍ରା

ବାରିପଦା, ୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ ଭଳି ପରମ୍ପରାକୁ ନେଇ ଦାମୋଦର ଯାତ୍ରା ଅନୁଷ୍ଠିତ ହୋଇଛି। ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଅବସରରେ ୩ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ବାରିପଦାର ସୁନାମୁହିଁ(ବାରୁଣୀ) ଘାଟରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଆଖପାଖ ଅଞ୍ଚଳ ସମେତ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଆସି ସାମୁହିକ ଭାବେ ଅସ୍ଥି ବିସର୍ଜନ କରିଛନ୍ତି। ଲୋକଙ୍କ ସୁବିଧା ନିମନ୍ତେ କମିଟି ପକ୍ଷରୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଯାଉଛି।

ବାରିପଦା ସହର ଉପକଣ୍ଠ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଜରାଳୀ ଓ ସରାଳୀ ସେତୁର ସଙ୍ଗମ ସ୍ଥଳ ସୁନାମୁହିଁ ଘାଟରେ ଅନୁଷ୍ଠିତ ଦାମୋଦର ଯାତ୍ରାରେ ଜନସମାଗମ ପରିଲକ୍ଷିତ ହୋଇଛି। ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ପିତୃ ପୁରୁଷଙ୍କ ଅସ୍ଥିକୁ ଧରି ପାରମ୍ପରିକ ବେଶଭୂଷା ଓ ନୃତ୍ୟଗୀତରେ ଘାଟସ୍ଥଳରେ ପହଞ୍ଚିଛନ୍ତି। ପରିବାର ଓ ଆତ୍ମୀୟ ସ୍ୱଜନମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅସ୍ଥି ବିସର୍ଜନ କରି ତିଳ ତର୍ପଣ, ଦାନ ଦକ୍ଷିଣା ଦେବା ସହ ପୁଣ୍ୟ ଅର୍ଜନ କରିବା ଆଦିମ କାଳରୁ ବିଶ୍ୱାସ ରହିଆସିଛି। ଏଥିପାଇଁ ଦାନ ଜିନିଷକୁ ଭାର ମାଧ୍ୟମରେ ବୋହି ଆଣି ତ୍ରିବେଣୀ ଘାଟରେ ପହଞ୍ଚି ଘାଟକର୍ମ କରି ଲଣ୍ଡା ହୋଇଛନ୍ତି। ପରେ ବୁଡ଼ ପକାଇ ନୂଆ ଲୁଗା ପରିଧାନ କରି ପୂର୍ବପୁରୁଷଙ୍କୁ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିଛନ୍ତି। ଶୁକ୍ରବାର ପ୍ରବଳ ଜନସମାଗମ ହେବ ବୋଲି କମିଟି ସୂଚନା ଦେଇଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ ପୋଲିସ ପ୍ରଶାସନ ସଜାଗ ରହିଛି। କମିଟି ପକ୍ଷରୁ ଆଲୋକୀକରଣ, ୱାଚ ଟାୱାର, ଫାଷ୍ଟ ଏଡ୍, ବିଶ୍ରାମାଗାର, ପିଇବା ପାଣି ଆଦିର ସୁବ୍ୟବସ୍ଥା କରାଯାଇଛି। ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଡାବୁଲ ତାମସାରେ ମହିଳାପୁରୁଷମାନେ ମସଗୁଲ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ପହଞ୍ଚି ଦୂରଦୂରାନ୍ତରୁ ଆସିଥିବା ଲୋକମାନଙ୍କୁ ସହଯୋଗ କରିଛନ୍ତି।


ବାରୁଣୀ ଘାଟରେ ଭିଡ଼ ଜମାଇଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ।

# ଜଳିଗଲା ୨ ବଖରା, ୨ ଗୋରୁ ଜୀବନ୍ତ ଦଗ୍ଧ

ଭଣ୍ଡାରିପୋଖରୀ,୧୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ପଞ୍ଚାୟତ ଅରେଇକଣା ଗ୍ରାମର ଚିନ୍ତାମଣି ଜେନାଙ୍କ ୨ ବଖରା ଘର ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଗୋରୁ ଜୀବନ୍ତଦଗ୍ଧ ହୋଇଥିବା ବେଳେ ୨ଗୋରୁ ଆହତ ହୋଇଛନ୍ତି। ୨ଟି ସାଇକେଲ ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଭଣ୍ଡାରିପୋଖରୀରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ନୀଳାମ୍ବର ରାଉତ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ଯୋଗାଇଛନ୍ତି। ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।

# ମିଲରଙ୍କ ମନମାନିକୁ ପ୍ରଶ୍ରୟ ଦିଆଯିବନି: ଯୋଗାଣ ମନ୍ତ୍ରୀ

- ମଣ୍ଡି ବୁଲି ଦେଖିଲେ, ସମୀକ୍ଷା କଲେ
- ସହଯୋଗ କରୁ ନ ଥିବା ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭଦ୍ରକ,୧୬।୧(ସନାତନ ରାଉତ)


ଆଦମପୁର ଧାନ ମଣ୍ଡିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ମିଲରଙ୍କ ମନମାନିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ଭଦ୍ରକ ଜିଲା ଗସ୍ତରେ ଆସି ଯୋଗାଣ ମନ୍ତ୍ରୀ ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି। ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ ଆଦମପୁରର ଶକ୍ତିସ୍ୱରୂପା ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ହୋଇଥିବା ସରକାରୀ ଧାନ ମଣ୍ଡିକୁ ବୁଲି ଦେଖିଥିଲେ। ପରେ ଭଦ୍ରକ ବ୍ଲକ ବହୁଦରଡ଼ାର ଶ୍ରୀରାମ ପ୍ୟାକ୍ସ, ଅର୍ଣ୍ଣପାଳ ପ୍ୟାକ୍ସ ଧାନ ମଣ୍ଡିକୁ ଯାଇ ବ୍ୟବସ୍ଥାର ତଦାରଖ କରିଥିଲେ। ଉପସ୍ଥିତ ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିବା ବେଳେ ଅଣ ଏଫ୍‌ଏକ୍ୟୁ ଧାନ ଗ୍ରହଣ କରାଯିବ ନାହିଁ ବୋଲି କହିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତରେ ସାମିଲ ହୋଇଥିଲେ।

କ୍ଷେତ୍ର ପରିଦର୍ଶନ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀଙ୍କ ସହ ଭଦ୍ରକ ବିଧାୟକ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଏବଂ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ସରକାରୀ ଦରରେ ଧାନ କ୍ରୟ ପାଇଁ ପ୍ରସ୍ତୁତି, ଅଦ୍ୟାବଧି କିଣାଯାଇଥିବା ଧାନର ପରିମାଣ ବିଷୟରେ ଜିଲାପାଳ ଉପସ୍ଥାପନ କରିଥିଲେ। ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁ ନ ଥିବା ମିଲରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି, ସେ ଦିଗରେ ପ୍ରଶାସନିକ ଅଧିକାରୀମାନେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୧୭୦ କୁଇଣ୍ଟାଲ ଧାନ କିଣାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

# ରାସ୍ତାକଡ଼ରୁ ମିଳିଲା କ୍ଷତାକ୍ତ ମୃତଦେହ

## ପରକୀୟା ପ୍ରୀତିରୁ ହତ୍ୟା ଅଭିଯୋଗ

ଭଦ୍ରକ,୧୬।୧(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଗଦଳପୁର ପଞ୍ଚାୟତ ଜୁଡ଼ାଗଡ଼ିଆ ଗ୍ରାମ ରାସ୍ତାକଡ଼ରୁ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଗୁରୁବାର ସକାଳେ ମିଳିଛି। ମୃତକ ହେଲେ ଭଦ୍ରକ ଦୋଳସାହି ଅଞ୍ଚଳର ସତ୍ୟସୁନ୍ଦର ନାୟକ(୫୦)। ସତ୍ୟସୁନ୍ଦରଙ୍କୁ ହତ୍ୟା କରାଯାଇ ରାସ୍ତାରେ ଫିଙ୍ଗି ଦିଆଯାଇଥିବା ତାଙ୍କ ସାନଭାଇ ଶିବସୁନ୍ଦର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ଏବଂ ଏଥିରେ ସତ୍ୟସୁନ୍ଦରଙ୍କ ସ୍ତ୍ରୀଙ୍କର ସମ୍ପୃକ୍ତି ରହିଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୨୧/୨୫) ରୁଜୁ କରାଯାଇଛି।

ସତ୍ୟସୁନ୍ଦର ଜୁଡ଼ାଗଡ଼ିଆ ଗ୍ରାମରେ ବିବାହ କରି ୨୫ବର୍ଷ ହେବ ଘରଜ୍ୱାଇଁ ଭାବେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କିଛିଦିନ ଧରି ମନୋମାଳିନ୍ୟ ଚାଲିଥିବା ବେଳେ ଛାଡ଼ପତ୍ର ପାଇଁ କୋର୍ଟରେ ମାମଲା ବିଚାରାଧୀନ ରହିଛି। ବୁଧବାର ରାତିରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମୃତ ସତ୍ୟସୁନ୍ଦରଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଦାଗ ସହ ବେକ ପାଖରୁ ରକ୍ତ ବାହାରିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ସତ୍ୟସୁନ୍ଦରଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ସାଇଣ୍ଟିଫିକ୍ ଟିମ୍ ତାଙ୍କର କିଛି ଲୁଗାପଟା ଜବତ କରିଥିବା ଭାରପ୍ରାପ୍ତ ଥାନାଧିକାରୀ ସଂଘମିତ୍ରା ମହାନ୍ତି କହିଛନ୍ତି। ସେହି ଲୁଗାରେ ରକ୍ତ ଲାଗିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସତ୍ୟସୁନ୍ଦରଙ୍କ ସ୍ତ୍ରୀ ଫେରାର ହେବାକୁ ନେଇ ପୋଲିସର ସନ୍ଦେହ ଘନୀଭୂତ ହେଉଛି। ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଅର୍ଦ୍ଧନିର୍ମିତ ପାଇଖାନା ଟାଙ୍କିରେ ପଡ଼ି ଶିଶୁ ମୃତ

ବାସୁଦେବପୁର,୧୬।୧ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ବାଲିକଲୋନୀ ବସ୍ତିରେ ଗୁରୁବାର ଅପରାହ୍ନରେ ଏକ ଅର୍ଦ୍ଧନିର୍ମିତ ପାଇଖାନା ଟାଙ୍କିରେ ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ବାଲେଶ୍ୱର ଜିଲା ଶ୍ରୀଜଙ୍ଗ ଗ୍ରାମର ବିଶ୍ୱନାଥ ମଲିକଙ୍କ ପୁଅ ସାଇପ୍ରକାଶ(୩)।

ସୂଚନା ଅନୁଯାୟୀ, ବିଶ୍ୱନାଥଙ୍କ ସ୍ତ୍ରୀ ଜୟନ୍ତୀ ବାସୁଦେବପୁର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟର ଜଣେ କର୍ମଚାରୀ ହୋଇଥିବାରୁ ବାସୁଦେବପୁର ବଜାର ସଂଲଗ୍ନ ବାଲିକଲୋନୀରେ ଏକ ଭଡ଼ାଘରେ ଶିଶୁପୁତ୍ରକୁ ନେଇ ରହୁଥିଲେ। ଜୟନ୍ତୀ ପୁଅକୁ ଭଡ଼ାଘରେ ଜଣେ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ଛାଡ଼ି କାର୍ଯ୍ୟାଳୟକୁ ଯାଇଥିଲେ। ଅପରାହ୍ନରେ ସାଇପ୍ରକାଶ ସେଠାରେ ଖେଳୁଥିବା ବେଳେ ଭଡ଼ାଘର ନିକଟରେ ଥିବା ନିର୍ମାଣାଧୀନ ପାଇଖାନା ଟାଙ୍କି ପାଣିରେ ପଡ଼ି ଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇପ୍ରକାଶଙ୍କ ମୃତ୍ୟୁ ଖବରପାଇ ବିଡିଓ ସଞ୍ଜୀବ କୁମାର ସାହୁଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ଜୟନ୍ତୀଙ୍କୁ ସମବେଦନା ଜଣାଇଥିଲେ। ମୃତଦେହ ବ୍ୟବେଚ୍ଛଦ ପାଇଁ ବାସୁଦେବପୁର ପୋଲିସ ଭଦ୍ରକ ପଠାଇଥିଲା।

# ସାଇନ୍ସପାର୍କ ବୁଲି ଦେଖିଲେ ମନ୍ତ୍ରୀ

ଧୂଷୁରୀ, ୧୬।୧ (ଦୀପ୍ତି ରଞ୍ଜନ ନାୟକ)


କୁଳେଇପଦା ସାଇନ୍ସ ପାର୍କରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଭଦ୍ରକ ଜିଲା ଗସ୍ତ ଅବସରରେ ଅପରାହ୍ନରେ ଆରଡ଼ି ପୀଠକୁ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ପୀଠ ପୂର୍ବରୁ ମନ୍ତ୍ରୀ କୁଳେଇପଦାରେ ଥିବା ସାଇନ୍ସ ପାର୍କ ବୁଲି ଦେଖିଥିଲେ। ପାର୍କରେ ନିର୍ମାଣାଧୀନ କୋଠାରେ ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ପାଇଥିଲେ। ୪ ବର୍ଷ ହେଲା ନିର୍ମାଣାଧୀନ ଏହି ପ୍ରକଳ୍ପର ଦୁରାବସ୍ଥା ଦେଖି ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଓ ଉପସ୍ଥିତ କେନ୍ଦ୍ର ସରକାରଙ୍କ ଏନ୍‌ସିପିସି ଅଧିକାରୀଙ୍କୁ ସାଇନ୍ସ ପାର୍କ ମରାମତି ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟର ଦାୟିତ୍ୱ ମନ୍ତ୍ରୀ ପ୍ରଦାନ କରିଛନ୍ତି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ କିଶୋର ନାୟକ, ସୁନ୍ଦରପୁର ସମିତିସଭ୍ୟ ଶରତ ବେହୁରିଆ, କାଉନସିଲର ଚନ୍ଦନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ମଠଡିହ ଛକଠାରେ ଭାଜପାର ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ ନାୟକ, ଆରଡ଼ି ଭାଜପା ଶକ୍ତି ପ୍ରମୁଖ ଦେବଦତ୍ତ ପାଢ଼ୀ, ସୁନ୍ଦରପୁର ଶକ୍ତି ପ୍ରମୁଖ ସଦାଶିବ ମଲିକ, ଓଳଗ ଶକ୍ତି ପ୍ରମୁଖ ଦୀପକ ରଞ୍ଜନ ବିଶ୍ୱାଳ, ଭାଜପା ନେତା ଜୀବନାନନ୍ଦ ପାଢ଼ୀ, ସୁବ୍ରତ ବିଳାସ, ନିରାକାର ନାୟକ, ସୁରେଶ ମହାଳିକ, ପ୍ରକାଶ ପାଢ଼ୀ, ସୁରଜ ପୁହାଣ, ରାକେଶ ନାୟକ, ରାଧାକାନ୍ତ ପାଢ଼ୀ, ଗଣେଶ ପରିଡ଼ା, ମଳୟ ନାୟକ, ଶୈଳେନ୍ଦ୍ର ଖଟୁଆ, ସାର୍ଥକ ନାୟକ, ସଞ୍ଜିତ ନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ମନ୍ତ୍ରୀ ଆରଡ଼ିରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

# ଛାତ୍ରୀମାନେ ଭଲ ମଣିଷ ହେବାକୁ ପରାମର୍ଶ

## ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାସୁଦେବପୁର,୧୬।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରସ୍ଥିତ ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ସହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବାଇଧର ପାଢ଼ୀଙ୍କ ୧୭ତମ ଶ୍ରାଦ୍ଧ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଭଲ ମଣିଷ ହୋଇପାରିଲେ ଏକ ବିକଶିତ ରାଷ୍ଟ୍ର ନିର୍ମାଣ ହୋଇପାରିବ। ନାରୀଶକ୍ତିର ବିକାଶ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ବିଧାୟକ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ, ଶିକ୍ଷା ହେଉଛି ପରିବ୍ୟାପ୍ତ। ଏହାର ଶେଷ ନାହିଁ। ଛାତ୍ରୀମାନେ ଶିକ୍ଷାମନସ୍କ ହେବା ସହ ଈଶ୍ୱର ବିଶ୍ୱାସୀ ହେବାକୁ ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବୈଲୋଚନ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧକ୍ଷା ସ୍ନିଗ୍ଧା ମହାନ୍ତି ସଭାପତିତ୍ୱ କରିଥିବା ବେଳେ କର୍ମଚାରୀ ଗୋପାଳ ଚନ୍ଦ୍ର ମହାକୁଡ଼ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ବାର୍ଷିକ ମୁଖପତ୍ର 'ସତ୍ୟଭାମା' ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ବାର୍ଷିକ ମୁଖପତ୍ର ଉନ୍ମୋଚନ କରାଯାଉଛି।

# ସୁରକ୍ଷିତ ଗାଁ ପାଇଁ ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ,୧୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଗୁରୁବାର ସୁରକ୍ଷିତ ଗାଁ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶ ଯୋଗଦେଇ ସରକାରଙ୍କ ଯୋଜନାରେ ସାମାଜିକ ସ୍ତରରେ ଗୋଟିଏ ଗ୍ରାମ ସୁରକ୍ଷିତ ଗାଁ ଭାବେ ପ୍ରତିଷ୍ଠାଲାଭ କରିବା ନେଇ ସୂଚନା ଦେଇଥିଲେ। ରାଜ୍ୟ ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନରୁ ପ୍ରଶିକ୍ଷକମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅଧିକାରୀ ସୁଜୟ ଚାନ୍ଦ, ନିବେଦିତା ଜେନା, ସାନ୍ତ୍ୱନା ଦାସ, ସୁଚିସ୍ମିତା ନାୟକ ପ୍ରମୁଖ ବିଭିନ୍ନ ଯୋଜନା ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ପ୍ରଶିକ୍ଷଣ ନେଇଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ଶିବିର ପରିଚାଳନା କରିଥିଲେ।

# ବାଇକ୍ ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ବାର୍ତ୍ତା

ଭଦ୍ରକ,୧୬।୧(ସନାତନ ରାଉତ)

ସଡ଼କ ସୁରକ୍ଷା ମାସ-୨୦୨୫ ପାଳନ ଅବସରରେ ଭଦ୍ରକ ଜିଲାରେ ଏକ ସଡ଼କ ସୁରକ୍ଷା ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଛି। ଭଦ୍ରକ ସହରର ସମସ୍ତ ଅଟୋମୋବାଇଲ ଡିଲର ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଓ ଭଦ୍ରକ ମୋଟର ଯାନ ନିରୀକ୍ଷକ ବାମଦେବ ସାହୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ। ଶୋଭାଯାତ୍ରାରେ ଶତାଧିକ ବାଇକ୍ ଆରୋହୀ ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ମହତାବ ଛକ ଦେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

# ପ୍ରକଳ୍ପ ନିର୍ମାଣ ଉପରେ ରୋକ୍ ଲଗାଇଲେ ହାଇକୋର୍ଟ

## ବାତ୍ୟା ସହାୟତା କାର୍ଯ୍ୟକାରିତା ନେଇ ବିବାଦ

ତିହିଡ଼ି,୧୬।୧(ସଞ୍ଜିତ ବଳ)

ବାତ୍ୟା 'ଦାନା' ସହାୟତା କାର୍ଯ୍ୟକାରିତା ନେଇ ତିହିଡ଼ି ବ୍ଲକରେ ବିବାଦ ଉପୁଜିଛି। ଅନୁମୋଦିତ ପ୍ରକଳ୍ପ ଚୟନରେ ଅନିୟମିତତା ହୋଇଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ମନମୁଖୀ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିବା ଦଳର ନେତାମାନେ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଯିବା ସହ ପରବର୍ତ୍ତୀ ଶୁଣାଣି ଯାଏ ଏହା ବଳବତ୍ତର ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ନଂ. ଜିଲା ପରିଷଦ ଜୋନ୍‌ର ସଭ୍ୟ ଅମୂଲ୍ୟ କୁମାର ମାଝୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାତ୍ୟା 'ଦାନା' ପରେ କ୍ଷତିଗ୍ରସ୍ତ ବିଭିନ୍ନ ପ୍ରକଳ୍ପର ମରାମତି ଓ ନିର୍ମାଣ ପାଇଁ ବିଜେଡି ପକ୍ଷରୁ ବ୍ଲକ ପ୍ରଶାସନକୁ ପ୍ରକଳ୍ପ ତାଲିକା ଦିଆଯାଇଥିଲା। ପ୍ରଶାସନର ସୂଚନାକ୍ରମେ ପ୍ରତି ପଞ୍ଚାୟତରୁ ୨ଟି ଲେଖାଏ ମୋଟ ୧୮ଟି ପ୍ରକଳ୍ପର ଚିଠା ଦିଆଯାଇଥିଲା। ୯ ନଂ. ଜୋନ୍ ଅଧୀନରେ ଥିବା ଦୌଲତପୁର, ସାହାପୁର, ବାମନବିନ୍ଧା, ହରସିଂହପୁର, ଜାମଯୋଡ଼ି, ରାଜନଗର, ନରେନ୍ଦ୍ରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତରେ ଏସବୁ ପ୍ରକଳ୍ପ ନିର୍ମାଣ ନେଇ ପ୍ରସ୍ତାବ ଦିଆଯାଇଥିଲା। ତେବେ ବାତ୍ୟା ସହାୟତା ଭାବେ ଏଫ୍‌ଡିଆର୍ ଯୋଜନାରେ ସେହିସବୁ ପଞ୍ଚାୟତକୁ ମୋଟ ୨୦ କୋଟି ଟଙ୍କାର ଅନୁଦାନ ମିଳିଛି। ମାତ୍ର ପ୍ରକଳ୍ପ ତାଲିକା ପ୍ରକାଶ ପାଇବା ପରେ ବିଜେଡି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରୁ ଗୋଟିଏ ବି ପ୍ରକଳ୍ପ ଅନୁମୋଦିତ ପ୍ରକଳ୍ପ ତାଲିକାରେ ନ ଥିଲା। ଏହାର ପ୍ରତିବାଦରେ ଜିଲା ପରିଷଦ ସଭ୍ୟ ମାଝୀ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ସରକାର ଓ ପ୍ରଶାସନକୁ ପକ୍ଷଭୁକ୍ତ କରିଥିବା ବେଳେ ହାଇକୋର୍ଟ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରି ଏକ ମକଦ୍ଦମା (ନଂ. ଡବ୍ଲୁପିସି ୪୦୧/୨୫) ରୁଜୁ କରିଥିଲେ। ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକ ବାତିଲ କରିବା ସହ ନିୟମାନୁଯାୟୀ ପ୍ରକଳ୍ପ ତାଲିକା ପ୍ରସ୍ତୁତ ପାଇଁ ସେମାନେ ଆବେଦନରେ ଦର୍ଶାଇଥିଲେ। ଏହା ଉପରେ ବିଚାର କରି ହାଇକୋର୍ଟ ଗତ ୧୦ ତାରିଖରେ ପ୍ରକଳ୍ପ ନିର୍ମାଣ ଉପରେ ରୋକ୍ ଲଗାଇଥିବା ଜଣାଯାଇଛି।

# ବାରାପୁର ମକର ମହୋତ୍ସବ

ବାସୁଦେବପୁର,୧୬।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବାରାପୁର ମିନିଷ୍ଟାଡିୟମ୍ ପରିସରରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ବାରାପୁର ମକର ମହୋତ୍ସବର ବୁଧବାର ଥିଲା ୨ୟ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ହିମାଂଶୁ ଖଟୁଆ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ, ସଂସ୍କୃତି ଓ ପରମ୍ପରା ଗୋଟିଏ ଅଞ୍ଚଳର ଗୌରବ ବଢ଼ାଇଥାଏ। ମହୋତ୍ସବ ମାଧ୍ୟମରେ ମଧ୍ୟ ପ୍ରତିଭାର ଚିହ୍ନଟ କରାଯାଇଥାଏ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବୃନ୍ଦାବନ ବେହେରା ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ସମ୍ପର୍କ ଡୋରିରେ ବାନ୍ଧି ରଖିବା ସହ ପୂଜ୍ୟପୂଜାକୁ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ସାମାଜିକ କର୍ମୀ ଅସିତ କୁମାର ଦାଶ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା ଓ ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ ଯୋଗ ଦେଇଥିଲେ। ବିଦ୍ୟୁଭୂଷଣ କର ସଭାପତିତ୍ୱ କରିଥିଲେ। କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲାସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଆରମ୍ଭ

ଧାମନଗର,୧୬।୧(ଦେବେନ୍ଦ୍ର ଆନ୍ଦିଆ)

ଓଡ଼ିଶା ସରକାରଙ୍କ ପକ୍ଷରୁ ମା' ଶକ୍ତିମୟୀ ଯୁବସଂସଦ ସହଯୋଗରେ ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଧାମନଗର ବ୍ଲକର ଦୋବଲ କାଳୀପଡ଼ିଆରେ ସିଏମ୍ ଟ୍ରଫି, ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍-୨୦୨୫ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୫ବର୍ଷରୁ କମ୍ ୮ଟି ଟିମ୍ ଭାଗ ନେଇଛି। ଏହି ମ୍ୟାଚ୍ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ମହାନ୍ତି, ଧାମନଗର ତହସିଲଦାର ଦୀପକ କୁମାର ଦାସ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଜିଲା ଆଥ୍‌ଲେଟିକେ ଆସୋସିଏଶନ ସମ୍ପାଦକ ଧିରେନ ପଲେଇ, ସଭାପତି ଉପେନ୍ଦ୍ର ବାରିକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଭାଜପା ନେତା ଅରବିନ୍ଦ ପତି ପ୍ରମୁଖ ଯୋଗ ଦେଇଥିଲେ। ରୋଭର୍ସ କ୍ଲବ୍ ପୁରୁଣାବଜାର ଭଦ୍ରକ ଓ ଏନ୍‌ଏସି ଚାନ୍ଦବାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଅପରାହ୍ନରେ ମା' କୋଠାରୀ କ୍ଲବ୍ କୋଠାର ଓ ଗାନ୍ଧିବାଲା ଆଶ୍ରମ ପୁରୁଣାବଜାର ଭଦ୍ରକ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ୧-୧ ଗୋଲ୍‌ରେ ଅମୀମାଂସିତ ରହିଛି। ଶୁକ୍ରବାର ସୁବର୍ଣ୍ଣେଶ୍ୱରୀ ୟୁଥ୍ କ୍ଲବ ଆଗରପଡ଼ା ଓ ଶ୍ୟାମା କ୍ଲବ ତିହିଡ଼ି ମଧ୍ୟରେ ପ୍ରଥମ ମ୍ୟାଚ୍, ଏସ୍‌ବିଡି ଫୁଟ୍‌ବଲ୍ କ୍ଲବ ଭଦ୍ରକ ଓ ହେଲ୍ପ ଲାଇନ କ୍ଲବ୍ ଧାମନଗର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ କ୍ରୀଡ଼ାବିତ୍‌ମାନେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଭଦ୍ରକ, ୧୬।୧ (ରବିନାରାୟଣ ଖିଲାର)

ଭଦ୍ରକର ବହୁ ପୁରାତନ ମନ୍ଦିର କୁଣ୍ଡିକାଳୀଙ୍କ ସେବକ ଧର୍ମପରାୟଣା ମହିଳା ଶୈଳବାଳା ନାୟକ(୬୧)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ବରହମପୁର ପଞ୍ଚାୟତ ସରପଞ୍ଚ ନରହରି ସାହୁ, ଯୁବନେତା ସୌଭାଗ୍ୟ ଲେଙ୍କା, ଆଇନଜୀବୀ ବିଶ୍ୱରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଶିବ ଚରଣ ମଲ୍ଲିକ, ଅକ୍ଷୟ ନାୟକ, ଶରତ କୁମାର ପ୍ରଧାନ, ଜ୍ୟୋତି ରଞ୍ଜନ ସ୍ୱାଇଁ ପ୍ରମୁଖ ପହଞ୍ଚି ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରହ୍ଲାଦ ନାୟକ, ଅକ୍ଷୟ ନାୟକ ଓ ନୃସିଂହ ନାୟକଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# କଲ୍ୟାଣ ମଣ୍ଡପର ଶିଳାନ୍ୟାସ

ଅସୁରାଳି,୧୬।୧(ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକ ଅସୁରାଳିର ପ୍ରସିଦ୍ଧ ଶକ୍ତିପୀଠ ବରୁଣାଇ ପୀଠରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବରୁଣାଇ ଉନ୍ନୟନ ପରିଷଦର ସମ୍ପାଦକ ପୂର୍ବତନ ସମିତିସଭ୍ୟ ପ୍ରତାପ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ। ଅସୁରାଳି ସରପଞ୍ଚ ମିନତି ସାହୁ, ସମିତିସଭ୍ୟା ପାର୍ବତୀ ପ୍ରଧାନ, କୋଠାର ସେବା ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀ, ବୁଦ୍ଧଦେବ ଜେନା, ବୈକୁଣ୍ଠ ନାଥ ସାହୁ, ସୂରଜ କୁମାର ସାହୁ, ଇଂ. ସନ୍ତୋଷ କୁମାର ସାହୁ, ରଜତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।


କଲ୍ୟାଣ ମଣ୍ଡପ ଶିଳାନ୍ୟାସ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

## ବାଜପେୟୀ ଭବନ ଉଦ୍‌ଘାଟିତ

ସେହିପରି ଅସୁରାଳିଠାରେ ଭାଜପାର ନୂତନ କାର୍ଯ୍ୟାଳୟ ବାଜପେୟୀ ଭବନକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକର୍ତ୍ତାମାନେ ଦୃଷ୍ଟି ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଧାମନଗର ମାଟିର ବିକାଶ ଉପରେ ସର୍ବଦା ପ୍ରାଥମିକତା ଦିଆଯିବ ଏବଂ ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ମନ୍ତ୍ରୀ କହିଥିଲେ। ବରିଷ୍ଠ ଭାଜପା ନେତା ଅଶୋକ କୁମାର ପୁହାଣ ଉଦ୍‌ଘାଟନୀ ଉତ୍ସବ ସଂଯୋଜନା କରିଥିଲେ। ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ, ଚତୁର୍ଭୂଜ ନାୟକ, ରଘୁନାଥ ଲେଙ୍କା, ସମିତିସଭ୍ୟା ପାର୍ବତୀ ପ୍ରମୁଖ ଯୋଗ ଦେଇଥିଲେ। ଅସୁରାଳି ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ହରିଣ ମୃତ

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟ ପୁରୁଣାବାଲିଜୋଡ଼ା ନିକଟସ୍ଥ କୁମୁମେରାଠାରେ ଅଜଣା ଗାଡ଼ି ଧକ୍କାରେ ଏକ ହରିଣର ମୃତ୍ୟୁ ହୋଇଛି। ବନବିଭାଗ ହରିଣଙ୍କ ସୁରକ୍ଷା ପାଇଁ କେବଳ ତାର ବାଡ଼ ତିଆରି କରି ବସିଯାଇଛି। ଶିକାରୀ କୁକୁରଙ୍କ ଆକ୍ରମଣରେ ଅନେକ ହରିଣ ମୃତ୍ୟୁବରଣ କରୁଥିବାରୁ ସ୍ଥାନୀୟ ପରିବେଶ ପ୍ରେମୀ ହରିଣ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

କେନ୍ଦୁଝର

# 'ଡବଲ ଇଞ୍ଜିନ ସରକାରରେ ସବୁ ଦାବି ପୂରଣ ହେବ'

ବଡବିଲ,୧୬।୧(ଦେବପ୍ରିୟ ରଣା)


ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

କେନ୍ଦୁଝର ଜିଲା ବଡ଼ବିଲ ମହୋତ୍ସବ ପଡ଼ିଆଠାରେ ଆୟୋଜିତ ବଡ଼ବିଲ ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହକୁ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ପ୍ରଥମେ ଉପସ୍ଥିତ ଜନତାଙ୍କୁ ନୂତନ ବର୍ଷ ଓ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇଥିଲେ। କେନ୍ଦୁଝର ତଥା ବଡ଼ବିଲ ଅଞ୍ଚଳ ଗୌରବମୟ ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି ଓ ବିକାଶର ନିଚ୍ଛକ ପ୍ରତିଛବି ବହନ କରୁଥିବା ବଡ଼ବିଲ ମହୋତ୍ସବର ରୌପ୍ୟ ଜୟନ୍ତୀ ଅବସରରେ ଯୋଗ ଦେଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଡବଲ ଇଞ୍ଜିନ ସରକାର ସମୟରେ ଅଞ୍ଚଳର ସମସ୍ତ ଦାବି, ସମସ୍ୟା ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅଭିଭାଷଣରେ ସେ ଆହୁରି କହିଥିଲେ, ବଡ଼ବିଲ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ, ସ୍ୱୟଂସହାୟକ ଗୋଷ୍ଠୀ, କଲେଜ ଛାତ୍ରୀଛାତ୍ର ସମସ୍ତଙ୍କ ଅତୁଳନୀୟ ସହଯୋଗ ଏହି ମହୋତ୍ସବକୁ ଆକର୍ଷଣୀୟ କରିଛି। ରତ୍ନଗର୍ଭା ବଡ଼ବିଲରେ ବିଶ୍ୱର ସବୁଠାରୁ ଅଧିକ ଲୁହାପଥର ଓ ମାଙ୍ଗାନିଜରେ ଭରପୂର ରହିଛି। ଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହା ପ୍ରମୁଖ ରାଜସ୍ୱ ଉତ୍ସ ହୋଇଛି। ଭାରତବର୍ଷର ପ୍ରତ୍ୟେକ ରାଜ୍ୟର ଅଧିବାସୀ ଏଠାରେ ଜୀବିକା ଅର୍ଜନ ପାଇଁ ଆସି ବସବାସ କରିଥାନ୍ତି। ଏହି ସହରକୁ ଏକ ମିନି ଭାରତ କହିଲେ ଭୁଲ୍ ହେବନାହିଁ ବୋଲି ସେ କହିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଏବଂ ଦିଗ୍‌ଦର୍ଶନରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାରେ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଯାତ୍ରା ଆରମ୍ଭ ହୋଇଛି। ରାଜ୍ୟରେ ନୂଆ ରେଳ ଓ ସଡ଼କ ପ୍ରକଳ୍ପ ପାଇଁ ଅନୁମୋଦନ ମିଳିଛି। ବଡ଼ବିଲରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇ ୬ ଲେନ୍ ବିଶିଷ୍ଟ କରାଯିବ। ଏହି ଅବସରରେ ଆଦିବାସୀଙ୍କ ମଧ୍ୟରେ ସ୍ୱାକ୍ଷରତା ପ୍ରସାର କ୍ଷେତ୍ରରେ ଅବଦାନ ପାଇଁ ୨୦୦୧ ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ସ୍ମରଣକରି ଭକ୍ତିପୂତ ସମ୍ମାନ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂହ, ମହୋତ୍ସବ କାର୍ଯ୍ୟକାରୀ କମିଟି ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ, କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଚମ୍ପୁଆ ବିଧାୟକ ବଡବିଲରେ ବାଇପାସ୍ ରିଂ ରୋଡ୍, ଫ୍ଲାଏଓଭର ବ୍ରିଜ୍, କଳିଙ୍ଗ ଲୁହା କାରଖାନାର ପୁନରୁଦ୍ଧାର ଓ ବଡ଼ବିଲ- ବାଂଶପାଣି ରେଳ ଲିଙ୍କ୍ ଆଦି ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିଭାଷଣରେ ବାଇପାସ୍ ରିଂ-ରୋଡ୍, ବଡ଼ବିଲ-ବାଂଶପାଣି ଓ ବଡ଼ବିଲ-ବରସୁଆଁକୁ ରେଳ ଲିଙ୍କ୍ ହେବ ଓ ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା ହୋଇଛି। ଡବଲ ଇଞ୍ଜିନ ସରକାର ଅଛି, ତେଣୁ ଆମ ଅଞ୍ଚଳର ସମସ୍ତ ଦାବି ପୂରଣ ହେବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମହୋତ୍ସବରେ ଯୋଗଦାନ ପୂର୍ବରୁ ବଡ଼ବିଲ ସରସ୍ୱତୀ ଶିଶୁମନ୍ଦିର ପରିସରରେ ନବ ନିର୍ମିତ ଶାରଦା ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ।

## ଶାଳନିଆଁରେ ଗୋଷ୍ଠୀ ସଂଘର୍ଷ, ବଜାର ବନ୍ଦ

ହାଟଡ଼ିହୀ,୧୬।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳନିଆଁ ବଜାରରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିବା ସହ ଛକାପଞ୍ଝା ଏବଂ ଉତ୍ତେଜନା ଲାଗି ରହିଛି। ଘଟଣାରେ ୨ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସଂଘର୍ଷକୁ ନେଇ ଗୁରୁବାର ଦୋକାନ, ବଜାର ବନ୍ଦ ରହିଛି। ସଂଘର୍ଷର ପ୍ରକୃତ କାରଣ ଜଣାପଡ଼ିନାହିଁ। ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହିଛି। ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ପୋଲିସ ପରିସ୍ଥିତି ଉପରେ ନଜର ରଖିଛି । ଅଦ୍ୟାବଧି କୌଣସି ଲିଖିତ ଅଭିଯୋଗ ହୋଇନି।

## କ୍ୟାଡର ରୁଲ ପୁନର୍ଗଠନ ଦାବି

କେନ୍ଦୁଝର,୧୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ କନିଷ୍ଠ କାର୍ଯ୍ୟାଳୟ ସହାୟକ ସଂଘ, କେନ୍ଦୁଝର ଶାଖା ପକ୍ଷରୁ କ୍ୟାଡର ରୁଲ ପୁନର୍ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ଦାବିପୂରଣ କରିବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲାର କନିଷ୍ଠ ସହାୟକ ରଞ୍ଜନ ଜେନା, ଯୁଗଜ୍ୟୋତି ମହାନ୍ତ, ମହେଶ୍ୱର ମୁଖି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ରାଜସ୍ୱ ବିଭାଗ କନିଷ୍ଠ ସହାୟକଙ୍କର କ୍ୟାଡ଼ର ରୁଲ ହୋଇଥିବା ବେଳେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ କନିଷ୍ଠ ସହାୟକଙ୍କ ପାଇଁ କୌଣସି କ୍ୟାଡ଼ର ରୁଲ ହୋଇ ନାହିଁ। ସମାନ କାମ କରୁଥିଲେ ମଧ୍ୟ ସମାନ ଦରମା ଏବଂ ସମାନ ପଦବୀରେ ନ ରହିବା ପରିତାପର ବିଷୟ ହୋଇଛି।।

## ଖୁଣ୍ଟପାଣିରେ ମକର ମହୋତ୍ସବ


ମଞ୍ଚାସୀନ ଅତିଥିମାନେ।

ଯୋଡ଼ା,୧୬।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌର ପାଳିକା ଅନ୍ତର୍ଗତ ୧୩ ନଂ. ୱାର୍ଡସ୍ଥିତ ଖୁଣ୍ଟପାଣିଠାରେ ଆୟୋଜିତ ମକର ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୪ ତାରିଖରୁ ଆରମ୍ଭ ହୋଇଥିବା ମହୋତ୍ସବରେ ବିଭିନ୍ନ ଗ୍ରାମର ଅନେକ ଶହ ଲୋକଙ୍କ ସମାଗମ ହୋଇଥିଲା। ବିଶେଷ କରି ମହିଳାଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଝୋଟି, ପୁଚି ଖେଳ, ମ୍ୟୁଜିକ ଚେୟାର, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର, ୭ ନଂ. କାଉନ୍‌ସିଲର ବିଶ୍ୱ ପ୍ରତାପ ବେହେରା, ୧୨ ନଂ. କାଉନ୍‌ସିଲର ବରୁଣ ଆପଚ୍ଛ, ୧୩ ନଂ. କାଉନ୍‌ସିଲର ଦୀପ୍ତି ରଞ୍ଜନ ବେହେରା, ଖବରଦାତା ପ୍ରକାଶ ମହାନ୍ତି, ସାରଦା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅତିଥିଙ୍କ ଉପସ୍ଥିତିରେ ଆରିସା ପିଠା, ଚକୁଳି ପିଠା, ମଣ୍ଡା ପିଠା ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଖୁଣ୍ଟପାଣି ନୀଳକଣ୍ଠେଶ୍ୱର କମିଟି ସଭାପତି ରବୀନ୍ଦ୍ର ବାରିକ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ସଦସ୍ୟମାନେ ମହୋତ୍ସବକୁ ପରିଚାଳନା କରିଥିଲେ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ,୧୬।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ବଡ଼ମସିଣାବିଲା ଗ୍ରାମ ମୁଣ୍ଡା ସାହିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ବିଜୁ ମୁଣ୍ଡାଙ୍କ ପୁଅ ରବି ମୁଣ୍ଡା (୨୨)। ମା'ଙ୍କ ସହ କୌଣସି କାରଣରୁ ଝଗଡ଼ା ହେବାରୁ ସେ ଘରୁ ରାଗିକି ପଳାଇ ଘରଠାରୁ କିଛି ଦୂରରେ ଥିବା ଏକ ବର ଗଛରେ ପିନ୍ଧା ସାର୍ଟକୁ ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ସନ୍ଧ୍ୟାରେ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ବିଟ ହାଉସ ଏଏସ୍‌ଆଇ ସୁରଥ ଦେହୁରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ.୨/୨୫) ରୁଜୁ ହୋଇଛି। ପୋଲିସ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟ ଫାଟକର ଦିଗ ବଦଳୁନି

**ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷାରେ ଠିଲା**

କେନ୍ଦୁଝର,୧୬।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ରାସ୍ତା କଡ଼ରେ ୨୯୪ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରହିଛି। ବିଦ୍ୟାଳୟଗୁଡ଼ିକର ଫାଟକ ରାଜପଥକୁ ସଂଯୋଗ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ରୋକିବାକୁ ବିଦ୍ୟାଳୟ ଫାଟକର ଦିଗ ବଦଳାଇବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢୁଛି।

ପ୍ରକାଶ ଯେ, ରାଜ୍ୟ ପରିବହନ କମିଶନର ତାଙ୍କ ଚିଠି (ସଂଖ୍ୟା ୧୪୯୫୭/ଟିସି ୮ ଅଗଷ୍ଟ ୨୦୨୪)ରେ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରିବହନ କମିଶନରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ଜିଲାରେ କେତେ ସରକାରୀ ଏବଂ ବେସରକାରୀ ସ୍କୁଲ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି ତାହା ଠିକ୍ ଭାବେ ଚିହ୍ନଟ କରାଯାଇ ପାରିନାହିଁ। ବିଶେଷ କରି ସ୍କୁଲ ଗେଟ୍‌ର ଦିଗ ଅନ୍ୟ ବାଟ ଦେଇ କରାଗଲେ କେତେ ଟଙ୍କା ଖର୍ଚ୍ଚ ହେବ ଏବଂ ଏହି ଅର୍ଥ କିଏ କରିବ ତାହା କେବଳ ନିଷ୍ପତ୍ତିରେ ରହିଯାଇଛି। ଏକ କମିଟି କ୍ଷେତ୍ର ପରିଦର୍ଶନ କରି ପ୍ରସ୍ତୁତ କରିଥିବା ରିପୋର୍ଟକୁ ସରକାରଙ୍କୁ ଦିଆଯାଇଛି। କମିଟି ଦେଇଥିବା ରିପୋର୍ଟ ଅନୁସାରେ, ବିଦ୍ୟାଳୟର ମୁଖ୍ୟ ଫାଟକରୁ ଛାତ୍ରୀଛାତ୍ର ବାହାରିବା ରାସ୍ତା ଜାତୀୟ ରାଜପଥ ସହ ସମାନ୍ତରାଳ ଭାବେ ରହିବ। ଅର୍ଥାତ ଛାତ୍ରୀଛାତ୍ର ଏକମୁହାଁ ହୋଇ ଜାତୀୟ ରାଜପଥରେ ପହଞ୍ଚି ପାରିବେ ନାହିଁ। କିଛିବାଟ ଆସିବା ପରେ ଜାତୀୟ ରାଜପଥକୁ ଉଠିବେ। ସେହିପରି ବହୁ କଲେଜ ଏବଂ ବେସରକାରୀ ସ୍କୁଲ ମଧ୍ୟ ରହିଛି। ସେସବୁର ମୁଖ୍ୟ ଗେଟ୍‌ର ଦିଗ ପରିବର୍ତ୍ତନ ଜରୁରୀ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଗୌରିରାଣୀ ନାୟକ କହିଛନ୍ତି, ଅନେକ ସରକାରୀ ସ୍କୁଲର ଫାଟକ ବଦଳ କରାଯାଇଛି। ଘରୋଇ ସ୍କୁଲ ଓ କଲେଜର ହିସାବ ମଗାଯାଇଛି। ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ନିୟମିତ ଭାବେ ତର୍ଜମା କରାଯାଉଛି ବୋଲି କହିଥିଲେ।

## ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ଲୁଟ୍

କେନ୍ଦୁଝର,୧୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଏସ୍‌ପି କାର୍ଯ୍ୟାଳୟ ନିକଟରୁ ବୁଧବାର ଦିନ ୧ ଟା ୪୭ରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ୍ ଟାଣି ନେଇ ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ଗୁରୁବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି। ଏସ୍‌ପି ଅଫିସ ପଛରେ ଥିବା ପିଡବ୍ଲୁଡି ଅଫିସ ସାମ୍ନାରେ ଏହି ଲୁଟ ହୋଇଛି। କଲେଜ ଛକ ଆଡ଼େ ଏହି ଦୁଇ ଲୁଟେରା ଲୁଟ୍ ପରେ ବାଇକରେ ଛୁ ମାରିଥିଲେ। ସ୍ଥାନୀୟ ଲୋକେ ଧରିବାକୁ ଦୌଡ଼ାଇ ଥିଲେ ମଧ୍ୟ ଲୁଟେରା ଖସି ଯାଇଥିଲେ। ଏସ୍‌ପି ଅଫିସ ପାଖେ ଦିନରେ ବଜାର ଉପରେ ଏହି ଘଟଣା ଘଟିଥିବାରୁ ପୋଲିସ ଲାଗି ଏକ ଶକ୍ତ ଚାଲେଞ୍ଜ ସୃଷ୍ଟି କରିଛି।

ମୟୂରଭଞ୍ଜ

# ୧୮ରେ ଶିମିଳିପାଳ ବନଖଣ୍ଡରେ ପକ୍ଷୀଗଣନା

ବାରିପଦା,୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ୪୪ଟି ସାଇଟ୍‌ରେ ହେବ ଗଣନା
- ଟିମ୍‌ରେ ରହିବେ ଛାତ୍ରୀଛାତ୍ର ଓ ଗଣମାଧ୍ୟମ ପ୍ରତିନିଧି



ବୈଠକରେ ଉପସ୍ଥିତ ବନ ବିଭାଗ ଅଧିକାରୀମାନେ।

ମୟୂରଭଞ୍ଜ ଜିଲା ଶିମିଳିପାଳ କ୍ଷେତ୍ର ଅଧୀନରେ ଥିବା ବନଖଣ୍ଡରେ ଆସନ୍ତା ଜାନୁଆରୀ ୧୮ରେ ପକ୍ଷୀ ଗଣନା ହେବ। ଏଥିନିମନ୍ତେ ବାରିପଦା ବନଖଣ୍ଡ ପକ୍ଷରୁ ବନରକ୍ଷୀ, ବନ ଅଧିକାରୀ, ଛାତ୍ରୀଛାତ୍ର, ପ୍ରମୁଖ ଏନ୍‌ଜିଓ, ପରିବେଶବିତ୍ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ତଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ଅଧ୍ୟକ୍ଷତାରେ ଜିଲା ବନ ଅନୁଭାଗ ଅଧୀନସ୍ଥ ସଂକଳ୍ପ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶେଷତଃ ପାଣିରେ ବିଚରଣ କରୁଥିବା ପକ୍ଷୀମାନଙ୍କ ଗଣନା ବିଷୟରେ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡର ୪୪ଟି ସାଇଟ୍ ଏହି ପକ୍ଷୀ ଗଣନାରେ ଅନ୍ତର୍ଭୁକ୍ତ ହୋଇଛି। ଚଳିତ ବର୍ଷ ଏହି ପ୍ରକ୍ରିୟାରେ ଛାତ୍ରୀଛାତ୍ର ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସାମିଲ କରିବା ପାଇଁ ଯୋଜନା କରାଯାଇଛି। ଏହି ୪୪ଟି ସାଇଟ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଦଳ ଉପସ୍ଥିତ ରହିବେ ଏବଂ ପକ୍ଷୀ ଗଣନା ସମୟରେ ଯେପରି କୌଣସି ପ୍ରାକୃତିକ ଜୈବମଣ୍ଡଳର କାର୍ଯ୍ୟକାରିତାରେ ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେ ବିଷୟରେ ଧ୍ୟାନ ଦିଆଯିବ। ଯେହେତୁ ଜଳରେ ବିଚରଣ କରୁଥିବା ପକ୍ଷୀମାନଙ୍କର ତଥ୍ୟ ଏହି ରିପୋର୍ଟରେ ପ୍ରକାଶ ପାଇବ ତେଣୁ କୌଣସି ପକ୍ଷୀଙ୍କ ପ୍ରାକୃତିକ ସନ୍ତୁଳନକୁ ବ୍ୟାଘାତ ନ କରି ଏହି ପ୍ରକ୍ରିୟା ବିଷୟରେ ବନ ବିଭାଗ ସଚେତନ ରହିବା ସହିତ ଜନସାଧାରଣଙ୍କୁ ସଚେତନ କରାଯିବ। ବୈଠକରେ ବନ୍ୟପ୍ରାଣୀ ରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ସଂଗ୍ରାମ ଏନ୍‌ଜିଓର ସଂସ୍ଥାପିକା ସଂଯୁକ୍ତା ବସା ପ୍ରମୁଖ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ପକ୍ଷୀ ସଂରକ୍ଷଣ ଏବଂ ଗଣନାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ। ମୟୂରଭଞ୍ଜ ଅନ୍ତର୍ଗତ ଶିମିଳିପାଳଠାରେ ଓରିଅଲ, ରେ ଜଙ୍ଗଲ ଫଲ, ଏସିଆନ ଟିଟ ଭଳି ଦୁର୍ଲଭ ପକ୍ଷୀ ଦେଖା ଯାଉଥିବାରୁ ଏଠାରେ ଏହି ଗଣନାର ଆବଶ୍ୟକତା ଗୁରୁତ୍ୱ ରହିଛି। ଏଣୁ ଏହି ପକ୍ଷୀ ଗଣନାର ଟିମ୍‌ରେ ୫ ଜଣ ଲେଖାଏ ରହିବେ। ଟିମ୍‌ରେ ବନ ବିଭାଗ କର୍ମଚାରୀ, ପରିବେଶବିତ୍, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଏଥି ନିମନ୍ତେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଉପସ୍ଥିତ ରହି ବନ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ବନଖଣ୍ଡରେ ଦେଖାଯାଉଥିବା ପକ୍ଷୀମାନଙ୍କ ବିଷୟରେ ବିଶଦ ବିବରଣୀ ଦେବା ସହିତ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିଥିଲେ।

## ଟାଟା ଏସିଇ ଦୁର୍ଘଟଣାରେ ୨ ମୃତ

ମୋରଡ଼ା,୧୬।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିକିଟାମାଟିଆ ପଞ୍ଚାୟତର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ତଥା ଫୁଲଝରି ଛକ ନିକଟରେ ବୁଧବାର ଏକ ଟାଟା ଏସିଇ ଓଲଟି ପଡ଼ିବାରୁ ୧୫ଜଣ ଆହତ ହୋଇଥିଲେ। ତେବେ ଏହି ଆହତଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭାତଛତର ଗ୍ରାମର ଶିବା ହାଁସଦା ଏବଂ ବ୍ରିଧାନ ହାଁସଦା । ଗୁରୁବାର ଘଟଣା ବାବଦରେ ମୃତକ ଶିବାଙ୍କ ମା' ସାକ୍ରୁ ହାଁସଦା ମୋରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସାକ୍ରୁଙ୍କ ଲିଖିତ ଅଭିଯୋଗ ମୁତାବକ, ବୁଧବାର ଅପରାହ୍ନରେ ଶିବା ଗ୍ରାମର କିଛି ଲୋକଙ୍କ ସହିତ ମକର ଉପଲକ୍ଷେ ନାଚି ନାଚି ରାସ୍ତାରେ ଯାଉଥିବା ବେଳେ ଫୁଲଝରି ଛକ ନିକଟରେ ବାଦ୍ୟ ଯନ୍ତ୍ର, ଜେନେରେଟର ନେଇ ଯାଉଥିବା ଏକ ଟାଟା ଏସିଇ ସେମାନଙ୍କୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ସମସ୍ତ ଆହତଙ୍କୁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ଗୁରୁତର ହେବାରୁ ଶିବାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୋରଡ଼ା ଥାନାରେ ଏକ ମାମଲା(ନଂ.୧୨/୨୫) ରୁଜୁ ହୋଇଛି। ସେହିପରି ଉକ୍ତ ଦୁର୍ଘଟଣାରେ ବ୍ରିଧାନ ଗୁରୁତର ହୋଇ କଟକସ୍ଥିତ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ଟୁସୁ ମେଳା,କ୍ରୀଡ଼ା ପ୍ରତିଯୋଗିତା

କରଞ୍ଜିଆ,୧୬।୧(କବିତା ମହାନ୍ତ): କରଞ୍ଜିଆ ବ୍ଲକ ଅଧୀନ ତାଟୋସ୍ଥିତ ମିନି ଷ୍ଟାଡିୟମଠାରେ ତାଟୋ ଟୁସୁ ମେଳା କମିଟି ପକ୍ଷରୁ ୬୦ତମ ଟୁସୁ ମେଳା ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ୧୫ଟି ଟୁସୁ ମେଢ଼ ପ୍ରତିଯୋଗିତାରେ ଭାଗ ନେଇଥିଲା। ସଭାପତି ପ୍ରଭୁଦତ୍ତ ନାୟକ, ସମ୍ପାଦକ ସରୋଜ ଖଟୁଆ, ଉପ ସଭାପତି ଚିନ୍ମୟ ନାୟକ, ଲଳିତ ନାୟକ, ସତୀଚ ମହାନ୍ତ, ପରମାନନ୍ଦ ନାୟକ, ରଞ୍ଜନ କୁମାର ବାରିକଙ୍କ ସହାୟତାରେ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ଆଦୃତଲାଭ କରିଥିବା ବିଭିନ୍ନ ଦୌଡ଼, ଲାଖବିନ୍ଧା, ବେଲୁନ ଫୁଟା, ମାଠିଆ ଦୌଡ, ଖୁଣ୍ଟ ଚଢ଼ା ସମେତ ଅନେକ ମନୋରଞ୍ଜନ ଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ୫ରୁ ୮୫ବର୍ଷର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଓ ପୂର୍ବତନ ବିଧାୟକ ବିଜୟ ନାୟକ, ଶଶିଭୂଷଣ ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ସରିଲା ଟୁସୁ ମହୋତ୍ସବ


ମହୋତ୍ସବରେ ସାମିଲ ହୋଇଥିବା ଟୁସୁ ପ୍ରତିମା।

ଝାରପୋଖରୀଆ,୧୬।୧
(ସୁଧିର କୁମାର ମହାନ୍ତ)

ଝାରପୋଖରିଆ ଅଞ୍ଚଳରେ ଗଣପର୍ବ ମକର ଧୂମଧାମରେ ପାଳିତ ହୋଇଛି। ଏହି ଅବସରରେ ମହାନ୍ତ (କୁଡୁମି) ସମ୍ପ୍ରଦାୟ ପକ୍ଷରୁ ଶୀର୍ଷା ମେରୁମଠସ୍ଥିତ ସୁବର୍ଣ୍ଣରେଖା ନଦୀତଟ ନିକଟରେ ଆୟୋଜିତ ଟୁସୁ ମେଳା ଉଦ୍‌ଯାପିତ ହୋଇଯାଇଛି। ଟୁସୁ ମହୋତ୍ସବର କମିଟିର ସଭାପତି ଘାସିରାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ମହାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରମାକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଲଳିତ କୁମାର ମହାନ୍ତ (ରାଇରଙ୍ଗପୁର) ସମ୍ମାନୀତ ଅତିଥିଭାବେ କରଞ୍ଜିଆ ପୋଲିଟେକନିକ୍ ସ୍କୁଲର ଉପାଧ୍ୟକ୍ଷ ସତ୍ୟନାରାୟଣ ମାଝୀ ଯୋଗ ଦେଇଥିଲେ। ଅତିଥି ପରିଚୟ ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତ ମଞ୍ଚାସୀନ ଅତିଥି ଗଣଙ୍କ ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନାରେ ଶିଉଲାଲ ମହାନ୍ତ, ଏକାଦଶୀ ମହାନ୍ତ, ଜ୍ୟୋତିର୍ମୟ ମହାନ୍ତ, ସୁମନ୍ତ କୁମାର ମହାନ୍ତ, ଦୈତାରୀ ମହାନ୍ତ ପ୍ରମୁଖ ମୁଖ୍ୟ ଭୂମିକା ନେଇଥିଲେ। ଉତ୍ସବରେ ସାରସକଣା, ବାଙ୍ଗିରିପୋଷି, କୁଳିଅଣା, ବଡ଼ସାହି ସହିତ ପଡ଼ୋଶୀ ପଶ୍ଚିମବଙ୍ଗ ତଥା ଝାଡ଼ଖଣ୍ଡ ଅଞ୍ଚଳରୁ ମହିଳାମାନେ ଟୁସୁ ପ୍ରତିମାଙ୍କୁ ସୁଜଜ୍ଜିତ କରି ଟୁସୁ ସଙ୍ଗୀତ ଗାନ କରି ଟୁସୁ ମେଳାରେ ପ୍ରଦର୍ଶନ କରିଥିଲେ। ଏଥିରେ ମୋଟ ୩୭ ଗୋଟି ପ୍ରତିମା ମେଢ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀ ଦ୍ୱାରା ଜନନୀ ମହାନ୍ତ (ଝାଡ଼ଖଣ୍ଡ)ଙ୍କ ପ୍ରଦର୍ଶିତ ମେଢ଼ ପ୍ରଥମ, ବାସନ୍ତୀ ମହାନ୍ତ (ଧାନଘେରୀ)ଙ୍କ ଦ୍ୱିତୀୟ ଓ ଭୁରୁଷାମୀ ତଲକର ମନ ମହାନ୍ତ ଓ ଦୀପାରାଣୀ ମହାନ୍ତଙ୍କ ପ୍ରତିମା ତୃତୀୟ ଭାବେ ଚୟନ ହୋଇ ପୁରସ୍କୃତ ହୋଇଥିଲା। ମହୋତ୍ସବ କମିଟି ପକ୍ଷରୁ ଟୁସୁ କନ୍ୟାଭାବେ ଦେବସ୍ମିତା ମହାନ୍ତ (ନେଦାଭାଡି) ସନିୟର ଓ ବର୍ଷା ମହାନ୍ତ (ଝରିଆ) ଜୁନିୟର ଟୁସୁ କନ୍ୟାଭାବେ ବିବେଚିତ ହୋଇ ବିଜୟର ମୁକୁଟ ପିନ୍ଧି ପ୍ରସଂଶିତ ହୋଇଥିଲେ। ବିନୟ କାଟିଆ, ଦୁର୍ଲଭର କିଶୋର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ରାଧାନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡ୍ ଫାଇଟର ଟିମ୍ ଚାମ୍ପିୟନ

ଗୋପବନ୍ଧୁ ନଗର,୧୬।୧(ଶାନ୍ତନୁ କୁମାର ମଡୁଆଳ): ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ବାଲିଯୋଡା କ୍ରିକେଟ ଆସୋସିଏସନ ପକ୍ଷରୁ ୧୩ତମ ଦୁଇ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଗୁଡ୍ ଫାଇଟର ଗୁଡଡିହା ଓ ରୟାଲଷ୍ଟାର ବାଲିଯୋଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଡ୍‌ଫାଇଟର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲଷ୍ଟାର ୮ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ପ୍ରଦୀପ କୁମାର ପାତ୍ର, ରାମହରି ମୁର୍ମୁ ଖେଳ ପରିଚାଳନା କରିଥିଲେ। ଆସୋସିଏସନର ସଭାପତି ଶିବ ହାଁସଦା, ସମ୍ପାଦକ ରଘୁନାଥ ମୁର୍ମୁ, ଯଶୋବନ୍ତ ହାଁସଦା, ରୁଦ୍ର ନାରାୟଣ ହାଁସଦା, ଅକ୍ଷୟ ପାତ୍ର, ପଦ୍ମନାଭ ହାଁସଦା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଖେଲା ହେମ୍ବ୍ରମ, ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, ୱାର୍ଡ ମେମ୍ବର ଜଗଦୀଶ ପାତ୍ର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର


ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

ବୈଶିଙ୍ଗା,୧୬।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ+୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ.ପର୍ଶୁରାମ ଦାସ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ କେତେ ଉପଯୋଗୀ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ଧାନୀ ମାଝି ଓ କୁନୁ ସିଂ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପିକା ବାଂଶୋରୀ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପପ୍ରୀୟା ମହାଲିକ ଓ ଶୁଭଶ୍ରୀ ଦାସ ସହଯୋଗ କରିଥିଲେ। ବରିଷ୍ଠ ଅଧାପିକା ମିନାକ୍ଷୀ ଦାସଙ୍କ ସଭାପତିତ୍ୱରେ ଶିବିର ଉଦ୍‌ଯାପିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

